# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୂରଭଞ୍ଜ

## ଦ୍ୱିତୀୟ ନିଲାମ ଇସ୍ତାହାର

ନଂ ୩୧୫୮ ତା ୭/୦୫/୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2025-26 ବର୍ଷ ପାଇଁ ସୈରାତ ଉତ୍ସ ଗୁଡିକର ଇସ୍ତାହାର ସଂଖ୍ୟା ନଂ2941 ତା 29.04.2025ରିଖ ରେ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧମରେ ତା ୭.୦୫.୨୦୨୫ ରିଖ ରେ ନିଲାମ କରାଯିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ଅଦ୍ୟ ତା ୭.୦୫.୨୦୨୫ ରିଖ ନିଲାମ ପ୍ରକ୍ରିୟା ଶେଷରେ ଜଣଗଲା ଯେ ସୈରାତ ଉତ୍ସ ନଂ୨/୨୦୨୫-୨୬ ଓ ନଂ ୪/ ୨୦୨୫-୨୬ ନିମନ୍ତେ କୌଣସି ନିଲାମିଦାରୀ ଆବେଦନ କରିନାହାନ୍ତି ।

ଏଣୁ ଉପରୋକ୍ତ ଦୁଇଗୋଟି ସୈରାତ ଉତ୍ସ କୁ ପୁନଶ୍ଚ ନିଲାମ କରିବା ପାଇଁ ଏଇ ଇସ୍ତାହାର ସାଧାରଣ ରେ ବିଜ୍ଞପ୍ତି ପ୍ରକାଶ କରାଗଲା । ଇଛୁକ ବ୍ୟକ୍ତି ଆସନ୍ତା ୭ ଦିନ ମଧ ରେ (ସରକାରୀ ଛୁଟି ଦିବସ ବ୍ୟତୀତ ) ତହସିଲ କାର୍ଯ୍ୟାଳୟରେ ସକାଳ ୮ ଘଟିକା ଠାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ଧାର୍ଯ୍ୟ ତାରିଖ ମଧରେ ତହସିଲ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ମାଧମ ରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦାଖଲ କରି ଆବେଦନ ଫର୍ମ , ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣାସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ , ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ । ନିଲାମ ପାଇଁ ଧାର୍ଯ୍ୟ ତାରିଖ ମଧରେ ନିଲାମ ହୋଇ ନ ପାରିଲେ ପୁନଶ୍ଚ ତୃତୀୟ ନିଲାମ ଇସ୍ତାହାର ପ୍ରକାଶ କରାଯିବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୂଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | Mango Orchard of Chhancha ( TMC NO-02 /25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -187, 170/1 କିସମ - ବଗାୟାତ ଦୁଇ ରକବା-ଏ 13.88 | Rs. 47,800/- | ତା 17.05.2025 ରିଖ ସକାଳ ୮ ଘଟିକା ଠାରୁ ଅପରାହ୍ନ ୧ ଘଟିକା ମଧରେ | ତହସିଲ କାର୍ଯ୍ୟାଳୟ ବାରିପଦା | ତା ୧୯.୦୫.୨୦୨୫ ରିଖ ଦିବା ୧୦ ଘଟିକା ରୁ ୧୨ ଘଟିକା ମଧରେ |
| 2 | Mango Orchard of Chhancha ( TMC NO-04 /25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -54/1200, 54/1201, 54/1202, 44/1196,44/1197, 44/1198,44/1199, 52,51 କିସମ - ଡାହି ଦୁଇ ଓ ଘରବାରି ଦୁଇ ରକବା- ଏ 3.65 | Rs. 12,200/- | ତା 17.05.2025 ରିଖ ସକାଳ ୮ ଘଟିକା ଠାରୁ ଅପରାହ୍ନ ୧ ଘଟିକା ମଧରେ | ତହସିଲ କାର୍ଯ୍ୟାଳୟ ବାରିପଦା | ତା ୧୯.୦୫.୨୦୨୫ ରିଖ ଦିବା ୧୦ ଘଟିକା ରୁ ୧୨ ଘଟିକା ମଧରେ |

ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା 3147 / ତଉଜି, ତା 7.05/2025ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

6+ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା 3148/ ତଉଜି, ତା 7.05.2025ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା , ରାଜସ୍ୱ ନିରୀକ୍ଷକ ବାରିପଦା- ୩ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ଉପ୍ସ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଡେଙ୍ଗୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା